ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 867/15-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୫ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହାମାରୀ ପରିସ୍ଥିତିକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ୨୮୯ କୋଟି ୪୨ ଲକ୍ଷ ଟଙ୍କାର ଏକ ପ୍ୟାକେଜ୍ ଘୋଷଣା କରିଛନ୍ତି ।

- ଏହି ପ୍ୟାକେଜ୍‌ରେ ସୁଧ ରିହାତି, ଟପ୍‌ଅପ୍ ସବ୍‌ସିଡି, ରାଜ୍ୟ ଜିଏସ୍‌ଟି ପଇଠ ଓ ବାର୍ଷିକ ଆନୁଷ୍ଠାନିକ ପରିଚାଳନା ବ୍ୟୟ ଛାଡ଼ ପରି ଅନେକ ସହାୟତା ଅନ୍ତର୍ଭୁକ୍ତ । କୋଭିଡ୍-୧୯ ମହାମାରୀର ଅପ୍ରତ୍ୟାଶିତ ଆହ୍ୱାନରୁ ମୁକୁଳିବା ନିମନ୍ତେ ରାଜ୍ୟର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଉଦ୍ୟୋଗୀ, ବିଶେଷ କରି ମହିଳା ଓ ସମାଜର ଦୁର୍ବଳ ଶ୍ରେଣୀ ଏଥିରେ ଉପକୃତ ହେବେ । ଆବଦକାଳୀନ ଋଣ ପ୍ରଦାନ ନିଶ୍ଚିତ ଯୋଜନା (ଇସିଏଲ୍‌ଜିଏସ୍)ରେ ପ୍ରାୟ ଏକ ଲକ୍ଷ ୭୦ ହଜାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସୁଧଛାଡ଼ର ସୁବିଧା ପାଇପାରିବେ ।

- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଚଳାଉଥିବା ୪୦ ପ୍ରତିଶତ ଯୋଗ୍ୟ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ୧୦୮ କୋଟି ୨୯ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି ।

- ପ୍ରଧାନ ମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ନିୟମାନୁସାରେ ପ୍ରମୋଟର ଦେୟ ଭାବରେ ଦୁର୍ବଳ ଶ୍ରେଣୀଙ୍କୁ ୫ ପ୍ରତିଶତ ଟପ୍‌ଅପ୍ ସବ୍‌ସିଡି ଦିଆଯାଇଥାଏ । ଏହି ଅବଶ୍ୟକତା ପୂରଣ କରିବା ପାଇଁ ୨୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ମହାମାରୀ ସଂକଟର ସମ୍ମୁଖୀନ ହେଉଥିବା ଦୁର୍ବଳ ଶ୍ରେଣୀ (ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଓବିସି/ସଂଖ୍ୟାଲଘୁ/ମହିଳା/ଭିନ୍ନକ୍ଷମ/ପୂର୍ବତନ ସେନା କର୍ମଚାରୀ)ମାନେ ବହୁଭାବରେ ଉପକୃତ ହେବେ ।

- ପିଏମ୍‌ଏଫ୍‌ଏମ୍‌ଇ କେନ୍ଦ୍ରୀୟ ଯୋଜନା ଅଧୀନରେ ଯେଉଁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକ ୬୦:୪୦ ଅନୁପାତରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଚଳିତ ଆର୍ଥିକ ବର୍ଷରେ ୧୫ ପ୍ରତିଶତ ଅତିରିକ୍ତ ଟପ୍‌ଅପ୍ ସବ୍‌ସିଡି ଦିଆଯିବ । ଏଥିରେ ଏକ ହଜାର ଉଦ୍ୟୋଗ ଉପକୃତ ହେବେ । ଏହି ଯୋଜନାରେ ୧୦ କୋଟି ଟଙ୍କା ପ୍ରଦାନ କରାଯିବ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା କୋଭିଡ୍ ସହାୟତା ପ୍ୟାକେଜ୍‌ରେ ମଧ୍ୟ ନାନୋ ଓ ଅଣୁ ଉଦ୍ୟୋଗଗୁଡ଼ିକୁ ସୁବିଧା ମିଳିବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜରିଆରେ ୧୦୦ କୋଟି ଟଙ୍କାର ସହାୟତା ଏବେ ଯୋଗାଇ ଦିଆଯିବ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ସବୁ ଜିଲ୍ଲାରେ ମହାତ୍ମା ଗାନ୍ଧୀ ଜାତୀୟ ରୋଜଗାର ଯୋଜନା (ମନରେଗା) ଏବଂ ସହରାଞ୍ଚଳ ରୋଜଗାର ଯୋଜନା ଆଦିର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଦୁଇ କାର୍ଯ୍ୟକ୍ରମ ଜରିଆରେ ଚଳିତ ଆର୍ଥିକ ବର୍ଷରେ ୨୦ କୋଟି ମାନବଦିବସ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିବା ସହିତ ଏହି ଦୁଇ ଯୋଜନା ଜରିଆରେ ଜୀବିକା ଅର୍ଜନ କରୁଥିବା ଗରିବ ଲୋକମାନଙ୍କର ମଜୁରି ପାଇବାରେ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳମାନଙ୍କୁ ସତର୍କ କରାଇ ଦେଇଛନ୍ତି । ହିତାଧିକାରୀମାନେ ଠିକ୍ ସମୟରେ ମଜୁରି ପାଇବା ନେଇ 'ମୋ ସରକାର' ପ୍ଲାଟଫର୍ମ ଜରିଆରେ ତଦାରଖ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ ।

- ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଶ୍ରୀ ଦେଓ ରଞ୍ଜନ କୁମାର ସିଂ, ପ୍ରମୁଖ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶ୍ରୀ ଜି. ମାଥିଭାଥନନ୍ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ୍ ସମୀକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଲିଙ୍ଗରାଜ ମନ୍ଦିରର ପରିଚାଳନା ସହ ସେବାୟତ ଓ ସଂପତ୍ତିର ସୁରକ୍ଷା ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶକୁ ମଞ୍ଜୁର ରାଜ୍ୟ କ୍ୟାବିନେଟ୍‌ର ଐତିହାସିକ ନିଷ୍ପତ୍ତି । ଶ୍ରୀମନ୍ଦିର ଆଇନ ଢାଞ୍ଚାରେ ସ୍ୱତନ୍ତ୍ର ଆଇନ ଲିଙ୍ଗରାଜ ମନ୍ଦିରର ସେବା ଓ ନୀତିକୁ ଆହୁରି ଶୃଙ୍ଖଳିତ କରିବାରେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇକୋ-ରିଟ୍ରିଟ୍‌କୁ ଏକ ସବୁଜ ସ୍ପର୍ଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ବନଖଣ୍ଡ 'ଗୋଟିଏ ଶିବିର, ଗୋଟିଏ ଗଛ' ଅଭିଯାନ ଆରମ୍ଭ କରି ଅତିଥିମାନଙ୍କୁ ସେମାନଙ୍କ ତମ୍ବୁ ନିକଟରେ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିଛନ୍ତି । ଏହି ଅଭିଯାନ ସବୁଜ ବଳୟକୁ ସମୃଦ୍ଧ କରିବା ସହ ଜଙ୍ଗଲ ସହିତ ପର୍ଯ୍ୟଟକମାନଙ୍କ ସଂପର୍କକୁ ଦୃଢ଼ୀଭୂତ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୧୪ ରୁ ୧୫ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୩ଟି ମାମଲା ଦାଏର କରାଯାଇଥିବାବେଳେ ୨୧ ଜଣ ବ୍ୟକ୍ତିଙ୍କୁ ଗିରଫ, ୬୮୮ ଟି ଗାଡ଼ି ଜବତ ଏବଂ ୨୧,୮୯,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୪,୩୭,୩୬୫ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୪,୩୮୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୯,୪୫୮ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୧୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୦୬୩ ରହିଛି ।
- ୩,୦୬୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**